# ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବ ଟ୍ରଷ୍ଟବୋର୍ଡ଼ କାର୍ଯ୍ୟାଳୟ, ଆରଡ଼ି, ଭଦ୍ରକ

**ନିଲାମ ଇସ୍ତାହାର ସଂଖ୍ୟା.......୪୩.......ତା.୨୭/୦୩/୨୦୨୪**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବଙ୍କ ପୀଠରେ ଥିବା ଗାଡ଼ି ରହଣୀ ସ୍ଥାନକୁ (ଦୁଇ ଚକିଆ, ତିନିଚକିଆ, ଚାରିଚକିଆ) ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ମାନନୀୟ ତହସିଲଦାର, ଚାନ୍ଦବାଲି ତଥା ନିଲାମ ପାଇଁ ପ୍ରାଧିକୃତ ଅଧିକାରୀଙ୍କ ଚାନ୍ଦବାଲି କାର୍ଯ୍ୟାଳୟଠାରେ ଆସନ୍ତା ତା ୧୦.୦୪.୨୦୨୫ରିଖ ଦିବା ୧୧ ଘଟିକା ସମୟରେ ଇଉମୁଦ ଦିଆ ଲଫାପା ଖୋଲାଯାଇ ନିଲାମ କରାଯିବ । ପାର୍କିଂ ସ୍ଥାନ ଯଥା ଚଁପାଣିପଦା ଏବଂ ଟି.ଆର.ସି. ସଂଲଗ୍ନ ପାର୍କିଂ ସ୍ଥାନ ଦୁଇଟିକୁ ଏକକ ଭାବେ ବିବେଚନା କରି ଗୋଟିଏ ନିଲାମ କରାଯିବ । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଗାଡ଼ି ରହଣି ସ୍ଥାନର ସର୍ବନିମ୍ନ ମୂଲ୍ୟ ଟ. ୨୦,୯୨,୦୦୦/- (କୋଡ଼ିଏ ଲକ୍ଷ ବୟାନବେ ହଜାର ଟଙ୍କା) ମାତ୍ର ସ୍ଥିର କରାଯାଇଛି । ଇଚ୍ଛୁକ ବ୍ୟକ୍ତିମାନେ ଏଥି ନିମନ୍ତେ ଟ. ୫୦,୦୦୦/- (ପଚାଶ ହଜାର ଟଙ୍କା) ପାଇଁ ଅମାନତ ରାଶି ବାବଦକୁ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦିବା ୧୦ ଘଟିକା ଠାରୁ ଦିବା ୧୧ ଘଟିକା ସମୟ ମଧ୍ୟରେ ତହସିଲଦାର ଚାନ୍ଦବାଲିଙ୍କ କାର୍ଯ୍ୟାଳୟଠାରେ ତା ୦୪.୦୪.୨୦୨୫ରିଖରୁ ତା ୧୦.୦୪.୨୦୨୫ରିଖ ମଧ୍ୟରେ ଦାଖଲ କରି ନିଲାମରେ ଅଂଶଗ୍ରହଣ କରିପାରିବେ । ବ୍ୟାଙ୍କ୍ ଡ୍ରାଫ୍ଟଟି **Managing Trustee Trust Board Aradi** ଙ୍କ ନାମରେ ପ୍ରସ୍ତୁତ ହୋଇଥିବା ଆବଶ୍ୟକ । ଆଗ୍ରହୀ ବ୍ୟକ୍ତି ନିଲାମ ଡାକ ଇଉମୁଦ ଦିଆ ଲଫାପାରେ ତହସିଲଦାର ଚାନ୍ଦବାଲି ତଥା ପ୍ରାଧିକୃତ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ତା ୧୦.୦୪.୨୦୨୫ରିଖ ଦିବା ୧୧ ଘଟିକା ସୁଧା ନିର୍ଦ୍ଧାରିତ ବାକ୍ସରେ ଦାଖଲ ଦେବେ ।

ସର୍ବନିମ୍ନ ମୂଲ୍ୟଠାରୁ କମ୍ ମୂଲ୍ୟ ନିଲାମ ଦାଖଲ ଦେଇଥିବା ବ୍ୟକ୍ତି ବିଶେଷଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ । ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଲାମ ସିଦ୍ଧ କରାଯିବ । ସର୍ବୋଚ୍ଚ ନିଲାମ ଧାରି ସେହିଦିନ ଅର୍ଥାତ୍ ତା ୧୦.୦୪.୨୦୨୫ରିଖ ଦିନ ଅପରାହ୍ନ ୩ ଘଟିକା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ଦାଖଲ କରିବେ । ଏଥିରେ ତ୍ରୁଟି ହେଲେ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା କରାଯିବ ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ । କୌଣସି କାରଣ ନଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି । ନିଲାମର ବୈଧ ସମୟ ନିଲାମ ଦିନ ଠାରୁ ତା ୩୧.୦୩.୨୦୨୬ରିଖ ପର୍ଯ୍ୟନ୍ତ । ନିଲାମ ଗ୍ରହୀତା ଚାରିଚକିଆ ପାଇଁ ଟ. ୪୦, ତିନିଚକିଆ ପାଇଁ ଟ. ୩୦/- ଏବଂ ଦୁଇଚକିଆ ପାଇଁ ଟ. ୨୦/- ମହାସୁଲ ଆଦାୟ କରିବେ । ଏଥିରେ କୌଣସି ତ୍ରୁଟି ହେଲେ ନିଲାମ ଖାରଜ ହେବ । ସରକାରୀ କାର୍ଯ୍ୟ କିମ୍ବା ମନ୍ଦିର କାର୍ଯ୍ୟରେ ଆସୁଥିବା ସରକାରୀ ଅଧିକାରୀଙ୍କଠାରୁ ପାର୍କିଂ ଫିସ୍ ନିଆଯିବ ନାହିଁ ।

ସବକଲେକ୍ଟର ଭଦ୍ରକ ତଥା<br>
ମ୍ୟାନେଜିଂ ଟ୍ରଷ୍ଟିଙ୍କ ଆଦେଶ କ୍ରମେ<br>
ତହସିଲଦାର, ଚାନ୍ଦବାଲି ଏବଂ<br>
ପ୍ରାଧିକୃତ ଅଧିକାରୀ ପାର୍କିଂ ସ୍ଥାନ ନିଲାମ ନିମନ୍ତେ